# ଦ୍ୱିତୀୟ ପାଠ

# ମୁଦ୍ରା ଏବଂ ଋଣ

## Money & Credit

ଆମ୍ଭମାନଙ୍କର ଦୈନନ୍ଦିନ ଜୀବନରେ ମୁଦ୍ରାର ବ୍ୟବହାର ବ୍ୟାପକ ଅଟେ । ଏହା ଆମ ସମସ୍ତଙ୍କର ଏକ ଅତି ପରିଚିତ ଦ୍ରବ୍ୟ । ଜିନିଷ କିଣାବିକାରେ ଏହା ପ୍ରମୁଖ ମାଧ୍ୟମ ଅଟେ । ଆହୁରି ମଧ୍ୟ ଆମେ ମୁଦ୍ରାକୁ ବ୍ୟବହାର କରି କିଛି ସେବା ବି ପାଇପାରୁଛେ । ଯଥା:- ଘରେ ଯଦି ମିସ୍ତ୍ରୀ ମୂଲିଆ ଆଦିଙ୍କ କାମର ଦରକାର ହୁଏ, ତାହା ଆମେ ମୁଦ୍ରା ବିନିମୟରେ ତାଙ୍କୁ କାମରେ ଲଗାଇପାରୁଛେ । କେତେକ କ୍ଷେତ୍ରରେ ଆମେ ମୁଦ୍ରାକୁ ପ୍ରତ୍ୟକ୍ଷ ଭାବରେ ବିନିମୟ ନକରି ମୁଦ୍ରା ପ୍ରଦାନ କରିବାର ଏକ ପ୍ରତିଜ୍ଞାପତ୍ର ମାଧ୍ୟମରେ କାର୍ଯ୍ୟ କରିଥାଉ ।

ଏହି ମୁଦ୍ରା ଯାହା କାଗଜ ନୋଟ୍ ବା ଧାତୁ ନିର୍ମିତ ମୁଦ୍ରା ହିସାବରେ ଆମର ଅତି ପରିଚିତ ତାହାର ଇତିହାସ ଅତି ପ୍ରାଚୀନ । ହଜାର ହଜାର ବର୍ଷ ଧରି ଏହାର ବିବର୍ତ୍ତନ ଘଟି ଓ ବିଭିନ୍ନ ପର୍ଯ୍ୟାୟରେ ଗତିକରି ଏହା ବର୍ତ୍ତମାନର ଆକାର ଧାରଣ କରିଅଛି । ମାନବ ସମାଜର ବିବର୍ତ୍ତନ ସହିତ ମୁଦ୍ରାର ବିବର୍ତ୍ତନ ସମାନ୍ତରାଳ ଭାବରେ ଗତିକରି ଚାଲିଛି । ମୁଦ୍ରାର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାପଡ଼େ ଯେ ଆଦିମ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ଘୁରି ବୁଲୁଥିଲା ଏବଂ ଜଙ୍ଗଲଜାତ ଦ୍ରବ୍ୟ ଓ ପଶୁପକ୍ଷୀଙ୍କ ମାଂସ ଭକ୍ଷଣ କରି ଗୁମ୍ଫାରେ ବାସ କରୁଥିଲା, ସେତେବେଳେ ମୁଦ୍ରାର ପ୍ରୟୋଜନ ନଥିଲା । କିନ୍ତୁ କାଳକ୍ରମେ ଜନସଂଖ୍ୟା ବୃଦ୍ଧି ହେତୁ ଏବଂ ସଭ୍ୟତାର ଅଗ୍ରଗତି ଫଳରେ ମନୁଷ୍ୟର ସ୍ୱାବଲମ୍ବିତା ଲୋପପାଇଲା ଓ ପରସ୍ପର ପ୍ରତି ନିର୍ଭରଶୀଳତାର ବୃଦ୍ଧି ଘଟିଲା । ଏହି ସମୟରେ ଦ୍ରବ୍ୟ ସହିତ ଦ୍ରବ୍ୟର ପ୍ରତ୍ୟକ୍ଷ ବିନିମୟ ପଦ୍ଧତି ଆରମ୍ଭ ହେଲା ଯାହାକୁ କି ପଣ୍ୟ ବିନିମୟ ପଦ୍ଧତି ବୋଲି କୁହାଯାଏ (Barter System) । ଏହି ବ୍ୟବସ୍ଥା ଦ୍ୱାରା ଧରାଯାଉ ଜଣେ ବ୍ୟକ୍ତି ଧାନ ଚାଷ କରି ତା'ର ପରିବାର ଚଳାଇବାକୁ ଚାହୁଁଛି ଏବଂ ସେ ଯଦି ତେଲ କିଣିବାକୁ ଚାହିଁବ ତେବେ ତାକୁ ତା'ର ଉତ୍ପାଦିତ ଶସ୍ୟ ଧାନରୁ କିଛି ଦେଇ ପ୍ରତିବଦଳରେ ତେଲ ଉତ୍ପାଦନ କରୁଥିବା ବ୍ୟକ୍ତିଠାରୁ ତେଲ ଆଣିବାକୁ ପଡ଼ିବ । ଏହି ବ୍ୟବସ୍ଥାର ଏକ ଗୁରୁତର ତ୍ରୁଟି ରହିଛି । ଯାହାକୁ ଆମେ ଅଭାବର ଦ୍ୱୈତସଂଯୋଗର ଅନୁପସ୍ଥିତି (Lack of Double Coincidence of wants) ବୋଲି କହିଥାଉ । ଅର୍ଥାତ୍ ଜଣେ ବ୍ୟକ୍ତି ଯାହା ବିକ୍ରୀ କରିବାକୁ ଚାହୁଁଛି, ଅନ୍ୟ ବ୍ୟକ୍ତିଟି ତାହା କିଣିବା ପାଇଁ ଚାହୁଁଥିବା ଦରକାର । ଉପରୋକ୍ତ କ୍ଷେତ୍ରରେ ଯଦି ଦ୍ୱିତୀୟ ବ୍ୟକ୍ତିଟି ଧାନ କିଣିବା ପାଇଁ ଚାହୁଁନଥିବ ତା'ହେଲେ ସେ ତା'ର ଉତ୍ପାଦିତ ତେଲକୁ ବିକ୍ରି ନ କରିପାରେ । ଆହୁରି ଏକ ତ୍ରୁଟି ମଧ୍ୟ ଏହି ବ୍ୟବସ୍ଥାରେ ପରିଲକ୍ଷିତ ହୋଇଥିଲା ଯାହାକୁ ଆମେ ଏକ ସାଧାରଣ ମୂଲ୍ୟ ପରିମାପକର ଅନୁପସ୍ଥିତି (Lack of common measure of value) ବୋଲି କହିଥାଉ । ଦ୍ରବ୍ୟ ଦ୍ରବ୍ୟ ମଧ୍ୟରେ ବିନିମୟବେଳେ ବିନିମୟର ହାର ସ୍ଥିର କରିବା ଏକ ଜଟିଳ ସମସ୍ୟା ଥିଲା । କାରଣ ସବୁ ଦ୍ରବ୍ୟର ବିନିମୟ ହାରର ଏକକ ସମାନ ନୁହେଁ । କେହି କହିପାରିବେ ନାହିଁ ଯେ ଏକ ବସ୍ତା ଧାନ ଦେଲେ କେତେ ଡବା ତେଲ ମିଳିବ । ପୁଣି ଡବା ଓ ବସ୍ତାର ଆକାର ସେହି ଅଞ୍ଚଳସାରା ସମାନ ରହିବା ଦରକାର ଯାହାକି ଏକ ଅସମ୍ଭବ ବ୍ୟାପାର ।

ଦ୍ରବ୍ୟ ବିନିମୟ ବ୍ୟବସ୍ଥାର ଅନ୍ୟ ଏକ ଅସୁବିଧା ହେଲା ଦ୍ରବ୍ୟ ଗୁଡ଼ିକର ବିଭାଜନ (Difficulty of Subdivision) । ଉଦାହରଣ ସ୍ୱରୂପ ଗୋରୁଗାଈ, ଛେଳି, ମେଣ୍ଢା, ବାସଗୃହ ଇତ୍ୟାଦି ହେଲେ ଅବିଭାଜ୍ୟ ବସ୍ତୁ ଏବଂ ଏହାର ବିନିମୟ ପାଇଁ ମଣିଷ ବହୁ ଅସୁବିଧାର ସମ୍ମୁଖୀନ ହେଲା ଯାହାକି ମୁଦ୍ରା ସୃଷ୍ଟି କରିବା ପାଇଁ ମନୁଷ୍ୟକୁ ପ୍ରବର୍ତ୍ତାଇଲା । ଏହି ବ୍ୟବସ୍ଥାରେ ସଞ୍ଚୟ କରିବାକୁ ହେଲେ ସେହି ଦ୍ରବ୍ୟ ହିଁ ସଞ୍ଚୟ କରିବାକୁ ପଡ଼ିଥାଏ ଯାହାକି ଦୀର୍ଘମିଆଦୀ ନୁହେଁ । ଯଥା-- ଚାଉଳ, ଗହମ, ଅଣ୍ଡା, କ୍ଷୀର

ଇତ୍ୟାଦି ଦ୍ରବ୍ୟ ବେଶି ଦିନ ଗଚ୍ଛିତ କରି ରଖାଯାଇପାରିବ ନାହିଁ । ଯାହାକୁ ଗଚ୍ଛିତ କରି ରଖିବା କଷ୍ଟସାଧ୍ୟ ବ୍ୟବସ୍ଥା ।

ଏହାପରେ ଦେଖାଗଲା ଯେ ଏହି ବ୍ୟବସ୍ଥାର ଅଭାବରେ ଦ୍ୱିପାକ୍ଷିକ ମିଳନର ଆବଶ୍ୟକତା ଥିବା ହେତୁ ମଣିଷକୁ ନିଜ ଦ୍ରବ୍ୟ ବଦଳ କରିବା ପାଇଁ ଉପଯୁକ୍ତ ବ୍ୟକ୍ତିକୁ ଖୋଜିବାକୁ ପଡ଼ିଥାଏ ଯାହା ସମୟ ଓ ଶକ୍ତିର ଅପଚୟ କରାଏ (Loss of time & energy) । ତା'ପରେ ସମସ୍ତ ବିନିମୟ ହୋଇଥିବା ଦ୍ରବ୍ୟର ହିସାବ ଦ୍ରବ୍ୟ ଆକାରରେ ରଖିବା ଏକ ଅସମ୍ଭବ ବ୍ୟାପାର ଏବଂ ଏହାଦ୍ୱାରା ବ୍ୟକ୍ତିର, ଲାଭ କ୍ଷତି, ଆୟବ୍ୟୟ, ସଞ୍ଚୟ ବିନିଯୋଗର ହିସାବ ଦ୍ରବ୍ୟ ଆକାରରେ ରଖିଲେ ପ୍ରକୃତ ହିସାବ ଜଣାପଡ଼ିବ ନାହିଁ (Difficulty to maintain accounts) ।

ଉପରୋକ୍ତ ଅସୁବିଧା ଗୁଡ଼ିକର ସମ୍ମୁଖୀନ ହେବାରୁ ମନୁଷ୍ୟ ମୁଦ୍ରାର ଉଦ୍ଭାବନ କରିବାକୁ ବାଧ୍ୟ ହେଲା ।

## ମୁଦ୍ରା :

ମୁଦ୍ରା ଆଧୁନିକ ଅର୍ଥବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ତେଣୁ ଆଧୁନିକ ଅର୍ଥନୀତିକୁ ମୁଦ୍ରା ଅର୍ଥନୀତି ବୋଲି କୁହାଯାଇଅଛି । ଅର୍ଥଶାସ୍ତ୍ରୀମାନେ ମୁଦ୍ରାର ବିଭିନ୍ନ ପ୍ରକାରର ସଂଜ୍ଞା ପ୍ରଦାନ କରିଛନ୍ତି । ପ୍ରଫେସର ଫ୍ରାନ୍‌ସିସ୍ ୱାକର୍‌ଙ୍କ ମତରେ ମୁଦ୍ରାର ସଂଜ୍ଞା ହେଲା "ମୁଦ୍ରା ଯାହା କରେ ତାହା ହିଁ ମୁଦ୍ରା" (Money is what money does) । ମୁଦ୍ରାର କାର୍ଯ୍ୟାବଳୀ ହିଁ ମୁଦ୍ରାର ପରିଚୟ । କୌଣସି ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟକୁ ମୁଦ୍ରାର ଆଖ୍ୟା ଦିଆଯାଇପାରିବ ନାହିଁ । କାରଣ ଯେ କୌଣସି ଦ୍ରବ୍ୟ ମୁଦ୍ରାର କାର୍ଯ୍ୟ କଲେ ତାଂକୁ ମୁଦ୍ରା ବୋଲି କହିବାକୁ ହେବ ।

ଆମେ ଏଠାରେ ଜାଣିଲୁ ଯେ, ଯେକୌଣସି ଦ୍ରବ୍ୟ ଯଦି ନେଣଦେଣର ମାଧ୍ୟମ ରୂପେ କାର୍ଯ୍ୟ କରେ ତା'ହେଲେ ତାକୁ ମୁଦ୍ରାର ଆଖ୍ୟା ଦିଆଯିବ । କିନ୍ତୁ ତୁମେ ଜାଣିଛ କି ? ପୁରାତନ କାଳରେ ମୁଦ୍ରାର ଆକାର ଭିନ୍ନ ଭିନ୍ନ ଥିଲା । ଉଦାହରଣ ସ୍ୱରୂପ, ପୂର୍ବକାଳରେ ଭାରତୀୟମାନେ ଖାଦ୍ୟଶସ୍ୟ ଓ ଗୋରୁଗାଈମାନଙ୍କୁ ମୁଦ୍ରା ହିସାବରେ ବ୍ୟବହାର କରୁଥିଲେ । ତା'ପରେ ଧାତୁ ନିର୍ମିତ ମୁଦ୍ରାର ଯୁଗ ଆରମ୍ଭ ହେଲା । ସେତେବେଳେ ସୁନା, ରୁପା ଓ ତମ୍ବା ଆଦି ଧାତୁ ନିର୍ମିତ ମୁଦ୍ରା ପ୍ରଚଳନ କରାଯାଇଥିଲା । ତା'ପରେ ଆଧୁନିକ ଯୁଗରେ ମୁଦ୍ରାର ରୂପ ବଦଳିଗଲା ଏବଂ ମୁଖ୍ୟତଃ ଏହା କାଗଜରୁ ପ୍ରସ୍ତୁତ କରାଗଲା । ଏହା ସହିତ ସୁନା ଓ ରୂପା ନିର୍ମିତ ମୁଦ୍ରା ଲୋପପାଇଲା । ଅଧୁନା ଆମେ କେବଳ ନିକେଲ ବା ବ୍ରୋଞ୍ଜ ଧାତୁ ନିର୍ମିତ ମୁଦ୍ରା ଦେଖିବାକୁ ପାଉଛୁ ।

ତା'ହେଲେ ଏଠାରେ ଏକ ପ୍ରଶ୍ନ ଉଠେ ଯେ, ଏକ କାଗଜ ନିର୍ମିତ ନୋଟ୍ ବା ଟଙ୍କା ଓ ଧାତୁ ନିର୍ମିତ ମୁଦ୍ରାକୁ ନେଣଦେଣର ମାଧ୍ୟମ ରୂପେ କାହିଁକି ସ୍ୱୀକାର କରାଯିବ ? ତା'ର କାରଣ ହେଲା ଏହି ଟଙ୍କା ବା ମୁଦ୍ରାକୁ ଦେଶର ସରକାର ସ୍ୱୀକୃତି ଦେଇଥାନ୍ତି । ଆମ ଦେଶରେ ସରକାରଙ୍କ ତରଫରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହି ମୁଦ୍ରାକୁ ପ୍ରଚଳନ କରିଥାନ୍ତି । ଆଇନତଃ ଅନ୍ୟ କୌଣସି ସଂସ୍ଥାର ମୁଦ୍ରା ପ୍ରଚଳନ କରିବାର କ୍ଷମତା ନାହିଁ ଏବଂ ଏହି ମୁଦ୍ରାକୁ କେହି ବ୍ୟକ୍ତିବିଶେଷ ନେଣଦେଣର ମାଧ୍ୟମ ବୋଲି ଅସ୍ୱୀକାର କରିପାରିବେ ନାହିଁ ।




ଚିତ୍ର : 33

## ବ୍ୟାଙ୍କ ଜମା :

ମୁଦ୍ରାକୁ ଅନ୍ୟ ଉପାୟରେ ରଖିବାର ଏକ ବାଟ ହେଉଛି ବ୍ୟାଙ୍କରେ ଏହାକୁ ଜମାକରିବା । ଲୋକମାନେ ସବୁବେଳେ ତାଙ୍କର ଗଚ୍ଛିତ ମୁଦ୍ରାକୁ ବ୍ୟବହାର କରନ୍ତି ନାହିଁ । ବରଂ ସେଥିରୁ କିଛି ବ୍ୟବହାର କରନ୍ତି ଓ ବାକିତକ ମୁଦ୍ରାକୁ ବ୍ୟାଙ୍କରେ ଜମାକରି ରଖିଥାନ୍ତି । ଉଦାହରଣ ସ୍ୱରୂପ ଜଣେ କର୍ମଚାରୀ ମାସ ଶେଷରେ ଦରମା ପାଇଲା ପରେ ତାଙ୍କର ଯାବତୀୟ ଖର୍ଚ୍ଚ ତୁଲାଇସାରି ବାକିତକ ବଳକା ଅର୍ଥକୁ କୌଣସି ବ୍ୟାଙ୍କରେ ଜମାଖାତା ଖୋଲି ସଞ୍ଚୟ କରନ୍ତି ଏବଂ ବ୍ୟାଙ୍କ ମଧ୍ୟ ଉକ୍ତ ଟଙ୍କାକୁ ଜମା ଆକାରରେ ଗ୍ରହଣ କରି ତା' ଉପରେ କିଛି ସୁଧ ପ୍ରଦାନ କରିଥାନ୍ତି । ଏଭଳି ଭାବରେ ଲୋକମାନଙ୍କର ଟଙ୍କା ନିରାପଦରେ ରହେ ଓ ସେଥିରୁ କିଛି ଆୟ ବି ହୋଇଥାଏ । ଦରକାର ବେଳେ ଏହି ଜମାଟଙ୍କାରୁ ଲୋକମାନେ ଟଙ୍କା ଉଠାଇ ନିଜର କାର୍ଯ୍ୟରେ ଲଗାଇଥାନ୍ତି । ଯେହେତୁ ଏହି ଜମାଟଙ୍କାକୁ


ଚାହିଦା ମୁତାବକ ଉଠାଇହେବ, ସେଥିପାଇଁ ଏହାକୁ **'ଚାହିଦା ଜମା'** (Demand Deposit) ବୋଲି କୁହାଯାଏ । ଏହି ଚାହିଦା ଜମା ଆଉ ଏକ ସୁବିଧା ପ୍ରଦାନ କରିଥାଏ । ତୁମେମାନେ ଚେକ୍ ଦ୍ୱାରା ଟଙ୍କା ଦେବା ବିଷୟରେ ଶୁଣିଥିବ । ଏହାଦ୍ୱାରା ଟଙ୍କା ବା ମୁଦ୍ରା ଦିଆନଯାଇ ଚେକ୍ ଦ୍ୱାରା ପ୍ରାପ୍ୟ ପ୍ରଦାନ କରାଯାଏ । ଚେକ୍ ଦ୍ୱାରା ପ୍ରଦାନ କରିବାକୁ ହେଲେ ଯେଉଁ ବ୍ୟକ୍ତି ଚେକ୍ ଦେବେ ତାଙ୍କର ସେହି ବ୍ୟାଙ୍କରେ ନିଶ୍ଚିତ ଭାବରେ ଏକ ଲେଖା ବା ଜମାଖାତା ଥିବ ଓ ସେହି ଖାତାରେ ଟଙ୍କା ଗଚ୍ଛିତ ଥିବ ।

**ଗୋଟିଏ ଚେକ୍‌ର ନମୁନା**




ଚିତ୍ର : 34

ଆମେ ବର୍ତ୍ତମାନ ବ୍ୟାଙ୍କଗୁଡ଼ିକର କାର୍ଯ୍ୟ ଉପରେ ଅଧିକ ଆଲୋଚନା କରିବା । ତୁମେ ଜାଣିଛ କି ବ୍ୟାଙ୍କ୍ ଲୋକମାନଙ୍କ ଠାରୁ ଜମା ଆକାରରେ ଗ୍ରହଣ କରିଥିବା ଟଙ୍କାକୁ କିପରି ଭାବରେ ବିନିଯୋଗ କରେ ? ପ୍ରକୃତରେ ଏହି ଜମା ଟଙ୍କାର ଏକ ଛୋଟ ପ୍ରତିଶତ ବ୍ୟାଙ୍କ ନିଜ ପାଖରେ ଗଚ୍ଛିତ ରଖି ଦୈନନ୍ଦିନ ନେଣଦେଣ କାରବାର କରିଥାଏ । ଭାରତରେ ରିଜର୍ଭ ବ୍ୟାଙ୍କର ନିୟମାନୁଯାୟୀ ଜମାଟଙ୍କାର ୧୫ ପ୍ରତିଶତ ବ୍ୟାଙ୍କ ନିଜ ପାଖରେ ରଖିପାରିବ । ବାକି ଟଙ୍କାର ଏକ ମୁଖ୍ୟ ଭାଗକୁ ବ୍ୟାଙ୍କ ରଣ ଆକାରରେ ପ୍ରଦାନ କରିଥାଏ । ଆର୍ଥନୀତିକ କ୍ଷେତ୍ରରେ ରଣର ବ୍ୟାପକ ଚାହିଦା ରହିଛି । ଏହିପରି ବ୍ୟାଙ୍କ ଯେଉଁମାନଙ୍କ ପାଖରେ ବେଶି ଟଙ୍କା ଅଛି (ବ୍ୟାଙ୍କ ଜମାକାରୀ) ଓ ଯେଉଁମାନଙ୍କର ରଣ ଦରକାର ସେମାନଙ୍କ ମଧ୍ୟରେ ମଧ୍ୟସ୍ଥି ରୂପେ କାର୍ଯ୍ୟ କରିଥାଏ । ଏହି ରଣ ପ୍ରଦାନ କରିବା ଫଳରେ ରଣ ଗ୍ରହୀତାଙ୍କ ଠାରୁ କିଛି ସୁଧ ମଧ୍ୟ ବ୍ୟାଙ୍କ ଆଦାୟ କରେ । ଏହା ବ୍ୟାଙ୍କ୍‌ର ଏକ ମୁଖ୍ୟ ଆୟର ପନ୍ଥା ଅଟେ ।



ଚିତ୍ର : 35

### ଉଦାହରଣ (୧)

ହରି ନାମକ ଏକ ବ୍ୟକ୍ତି ଜୋତା ତିଆରି କରି ଜୀବିକା ନିର୍ବାହ କରନ୍ତି । ପ୍ରତିଦିନ ସେ ୪୦-୫୦ ହଳ ଜୋତା ତିଆରି କରି ବଜାରକୁ ବିକ୍ରୟ ପାଇଁ ପଠାଇଥାନ୍ତି । ତାଙ୍କ ପାଖରେ ପାଞ୍ଚଜଣ କାରିଗର କାମ କରନ୍ତି । ଦୁର୍ଗାପୂଜା ସମୟରେ ହରି ଏକ ବଡ଼ କମ୍ପାନୀ ଠାରୁ ପାଖାପାଖି ୩,୦୦୦ ହଳ ଜୋତା ତିଆରି କରିବା ପାଇଁ ଅର୍ଡ଼ର ପାଇଲେ । କିନ୍ତୁ ଠିକ୍ ସମୟରେ ଜୋତା ତିଆରି ହୋଇ ଅର୍ଡ଼ର ପୂରଣ କରିବା ପାଇଁ ତାଙ୍କୁ ଆହୁରି ଅଧିକା କାରିଗର, କଞ୍ଚାମାଲ ପାଇଁ ପୁଞ୍ଜି ଦରକାର ଯାହାକି ତାଙ୍କ ପାଖରେ ବର୍ତ୍ତମାନ ନାହିଁ । ତେଣୁ ଏ କ୍ଷେତ୍ରରେ ହରି କୌଣସି ଏକ ବ୍ୟାଙ୍କରୁ ଋଣ କରି ପୂଜା ସମୟରେ ଜୋତା ବିକ୍ରୟ କରି ନିଜର ଲାଭ କରିବା ସଙ୍ଗେ ସଙ୍ଗେ ବ୍ୟାଙ୍କର ଋଣ ବି ପରିଶୋଧ କରିପାରିବେ ।

ଗ୍ରାମୀଣ କ୍ଷେତ୍ରରେ ମୁଖ୍ୟତଃ ଚାଷ କାର୍ଯ୍ୟ କରିବା ପାଇଁ ଋଣର ଆବଶ୍ୟକତା ହୋଇଥାଏ ଯାହାକି ଭଲ କିସମର ବିହନ କ୍ରୟ, ଉନ୍ନତମାନର ସାର, କୀଟନାଶକ ଔଷଧ, ଜଳସେଚନ ବିଦ୍ୟୁତ୍ ଖର୍ଚ୍ଚ ଓ ଯନ୍ତ୍ରପାତିର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୁଏ । ଚାଷୀମାନେ ସାଧାରଣତଃ ଚାଷକାମ ଆରମ୍ଭ ହେବା ପୂର୍ବରୁ ଋଣ ନେଇ ଉପରୋକ୍ତ ଜିନିଷମାନ କିଣାବିକାରେ ଖର୍ଚ୍ଚ କରନ୍ତି ଏବଂ ଫସଲ ଅମଳ ହେଲାପରେ ତାକୁ ବିକ୍ରୟ କରି ଉକ୍ତ ଋଣକୁ ପରିଶୋଧ କରନ୍ତି । ଏ କ୍ଷେତ୍ରରେ ଋଣ ପରିଶୋଧ କରିବାର କ୍ଷମତା ଭଲ ଫସଲର ଅମଳ ଉପରେ ନିର୍ଭରଶୀଳ ।

### ଉଦାହରଣ (୨)

ଅର୍ଜୁନ ଜଣେ ଛୋଟ ଚାଷୀ ଯାହା ପାଖରେ ମାତ୍ର ୩ ଏକର ଜମି ଅଛି ଓ ସେ ସେଥିରେ ବାଦାମ ଚାଷ କରି ଚଳନ୍ତି । ସେ ଚାଷ କରିବା ପାଇଁ ଗ୍ରାମର ଜଣେ ମହାଜନଠାରୁ କିଛି ଟଙ୍କା କରଜ (ଋଣ) କଲେ ଏବଂ ତାଙ୍କର ଆଶା ଥିଲା କି ଅମଳ ପରେ ଉକ୍ତ ବାଦାମକୁ ବିକ୍ରୟ କରି ଋଣ ପରିଶୋଧ କରିଦେବେ । କିନ୍ତୁ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ସେହିବର୍ଷ ଫସଲରେ ଅଧିକ ପୋକ ଲାଗିଗଲେ ଏବଂ ଫସଲ ହାନି ହେଲା । ଅର୍ଜୁନଙ୍କ ଚେଷ୍ଟା ବିଫଳ ହେଲା ଓ ସେ ଋଣ ପରିଶୋଧ କରିବା ପାଇଁ ଶେଷରେ ନିଜ ଜମିର ଏକ ଅଂଶକୁ ବିକ୍ରୟ କରିବାକୁ ବାଧ୍ୟ ହେଲେ ।

ଏ କ୍ଷେତ୍ରରେ ଫସଲହାନି ଯୋଗୁଁ ଋଣ ପରିଶୋଧ ସମ୍ଭବ ହୋଇପାରିଲା ନାହିଁ । ବରଂ ଋଣ କରି ଅର୍ଜୁନ କେବଳ ଦୁଃଖ ଓ କଷ୍ଟ ହିଁ ପାଇଲେ ।

## ଋଣର ନିୟମାବଳୀ

ଋଣ କଲାବେଳେ ଋଣଦାତା ଓ ଋଣଗ୍ରହୀତାଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ପ୍ରସ୍ତୁତ କରଯାଇଥାଏ ଯେଉଁଥିରେକି ସୁଧର ହାର, ଉଲ୍ଲେଖ ଥାଏ । ଋଣଗ୍ରହୀତା ସୁଧ ସାଙ୍ଗେ ସାଙ୍ଗେ ମୂଳଧନକୁ ବି ପରିଶୋଧ କରିବାକୁ ସମ୍ମତି ଦେଇଥାନ୍ତି । ବେଳେ ବେଳେ ଋଣଦାତା ଋଣ ଦେଲା ପୂର୍ବରୁ ଋଣଗ୍ରହୀତାଙ୍କ ଠାରୁ କିଛି ପ୍ରତିଭୂତି (Security) ଦାବି କରିଥାନ୍ତି । ଏହି ପ୍ରତିଭୂତି ଏକ ଜିନିଷ ଯାହାକି ଋଣଗ୍ରହୀତାଙ୍କ ନିଜ ସମ୍ପତ୍ତି ଅଟେ । ଯଥା- ଜମି, ଘରବାଡ଼ି, ଯାନବାହାନ, ଗୋରୁଗାଈ, ବ୍ୟାଙ୍କ ଜମା, ସୁନା ଅଳଙ୍କାର ଇତ୍ୟାଦି । ଏହାକୁ ବନ୍ଧକ ରଖି ଋଣଦାତା ଋଣ ଦିଅନ୍ତି ଏବଂ ମୂଳଧନ ଓ ସୁଧ ପରିଶୋଧ କଲାପରେ ଋଣଗ୍ରହୀତାଙ୍କୁ ତାଙ୍କ ପ୍ରତିଭୂତି ଫେରାଇଥାନ୍ତି । ଯଦି କୌଣସି କ୍ଷେତ୍ରରେ ଋଣଗ୍ରହୀତା ଋଣ ପରିଶୋଧ କରିବାକୁ ଅକ୍ଷମ ହୁଅନ୍ତି ତେବେ ଋଣଦାତା ଯେଉଁ ପ୍ରତିଭୂତିକୁ ବନ୍ଧକ ରଖିଥାନ୍ତି ତାକୁ ବିକ୍ରୟ କରି ନିଜର ପ୍ରାପ୍ୟ ପାଇ ପାରିବେ ।

### ଗୃହଋଣ

ଘର ତୋଳିବା ପାଇଁ ଋଣ କରିବାକୁ ଗୃହଋଣ କୁହାଯାଏ । ମେଘା ନାମକ ଏକ ମହିଳା ଘର ତିଆରି କରିବାପାଇଁ ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଋଣ କରିଛନ୍ତି । ସେହି ଋଣ ଉପରେ ବାର୍ଷିକ ସୁଧର ହାର ଶତକଡ଼ା ୧୨.୫ ଅଟେ । ଏହି ଋଣକୁ ଦଶବର୍ଷ ଅବଧି ମଧ୍ୟରେ ମାସିକ କିସ୍ତିରେ ପରିଶୋଧ କରିବାକୁ ସେ ବ୍ୟାଙ୍କ୍ ସହିତ ଚୁକ୍ତି କରିଛନ୍ତି । ମେଘା ଋଣ କଲାବେଳେ ତାଙ୍କର ଚାକିରୀ ପ୍ରମାଣପତ୍ର, ଦରମା ପାଉଥିବା ପ୍ରମାଣ କାଗଜ ଇତ୍ୟାଦି ବ୍ୟାଙ୍କକୁ ପ୍ରଦାନ କରି ଋଣ ପାଇବାପାଇଁ ଆବେଦନ କରିଥିଲେ । ଏଥିସହିତ ବ୍ୟାଙ୍କ ତାଙ୍କଠାରୁ ପ୍ରତିଭୂତି ହିସାବରେ ଘରର କାଗଜପତ୍ର ମଧ୍ୟ ଦାବି କରିଥିଲେ ଏବଂ ଋଣ ପରିଶୋଧ ହେଲାପରେ ମେଘା ସେଗୁଡ଼ିକୁ ବ୍ୟାଙ୍କଠାରୁ ଫେରିପାଇବେ ।

ସୁଧର ହାର, ପ୍ରତିଭୂତି କାଗଜପତ୍ର ବା ଜିନିଷ ଓ ଋଣ ପ୍ରଦାନର କିସମକୁ ଋଣର ନିୟମାବଳୀ ବୋଲି

ବିବେଚନା କରାଯାଏ । ଏହା ପ୍ରତ୍ୟେକ ଋଣଦାତା ଓ ଋଣଗ୍ରହୀତାଙ୍କ ଆବଶ୍ୟକତା ଅନୁଯାୟୀ ଭିନ୍ନଭିନ୍ନ ହୋଇଥାଏ ।

## ସମବାୟ ସଂସ୍ଥାରୁ ଋଣ

ବ୍ୟାଙ୍କ ଛଡ଼ା ଋଣର ଆଉ ଗୋଟିଏ ବଡ଼ ଉତ୍ସ ହେଲା ସମବାୟ ସଂସ୍ଥା । ଗାଁ ଗହଳିରେ ଲୋକମାନେ ଶସ୍ତା ଋଣ ପାଇଁ ଏହି ସଂସ୍ଥା ଉପରେ ନିର୍ଭର କରିଥାନ୍ତି । ବିଭିନ୍ନ ପ୍ରକାର ସମବାୟ ସଂସ୍ଥା ଅଛି, ଯଥା : କୃଷକ ସମବାୟ ସଂସ୍ଥା, ବୁଣାକାର ସମବାୟ ସଂସ୍ଥା, କାରଖାନା ସମବାୟ ସଂସ୍ଥା ଇତ୍ୟାଦି । ସୋନପୁର ନାମକ ଏକ ଗ୍ରାମରେ କୃଷକ ସମବାୟ ସଂସ୍ଥା ଗଠନ କରାଯାଇଅଛି ଏବଂ ସେଥିରେ ପାଖାପାଖି ୨୩୦୦ ଚାଷୀ ସଭ୍ୟ ଅଛନ୍ତି । ଏହା ସଭ୍ୟମାନଙ୍କଠାରୁ ଟଙ୍କା ଜମା ହିସାବରେ ଗ୍ରହଣ କରେ ଏବଂ ଏହି ଟଙ୍କାକୁ ପ୍ରତିଭୂତି ହିସାବରେ ଦେଇ ବଡ଼ବ୍ୟାଙ୍କରୁ ଏକାଥରେ ବହୁତ ଟଙ୍କା ଋଣ କରିଆଣେ । ଏହି ଋଣ ଟଙ୍କାକୁ ସଂସ୍ଥାର ସଭ୍ୟମାନେ ଋଣ ହିସାବରେ ଗ୍ରହଣ କରି ନିଜର ଚାଷ କାର୍ଯ୍ୟ ତୁଲାଇଥାନ୍ତି ଏବଂ ଅମଳପରେ ଫସଲ ବିକ୍ରିକରି ଋଣ ପରିଶୋଧ କରନ୍ତି । ଥରେ ବ୍ୟାଙ୍କର ସମସ୍ତ ଋଣ ସୁଝାଗଲାପରେ ପୁଣି ଆଉଥରେ ସଂସ୍ଥା ଋଣ ପାଇବା ପାଇଁ ସକ୍ଷମ ହୋଇଥାଏ ।


କୃଷକ ସମବାୟ ସଂସ୍ଥା ଚାଷ ନିମନ୍ତେ ବ୍ୟବହୃତ ଯନ୍ତ୍ରପାତି, ମାଛଚାଷ ପାଇଁ ଜାଆଁଳ, ଘରତିଆରି କରିବାପାଇଁ ଏବଂ ଆହୁରି ଅନେକ ପ୍ରକାର ଯାବତୀୟ ଖର୍ଚ୍ଚ ତୁଲାଇବା ପାଇଁ ସଭ୍ୟମାନଙ୍କୁ ଋଣ ପ୍ରଦାନ କରିଥାଏ ।

ଆମେ ବର୍ତ୍ତମାନ ଜାଣିଲୁ ଯେ, ଲୋକମାନେ ତାଙ୍କର ଆବଶ୍ୟକତା ତୁଲାଇବା ପାଇଁ ବିଭିନ୍ନ ପ୍ରକାର ସଂସ୍ଥାରୁ ଋଣ କରିଥାନ୍ତି । ଏହି ଋଣ ଦେବା ସଂସ୍ଥା ଗୁଡ଼ିକୁ ଆମେ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରିପାରିବା-

(୧) ଆନୁଷ୍ଠାନିକ

(୨) ଅଣଆନୁଷ୍ଠାନିକ

ବ୍ୟାଙ୍କ ଓ ସମବାୟ ସଂସ୍ଥାଗୁଡ଼ିକ ଆନୁଷ୍ଠାନିକ ସଂସ୍ଥାର ଅନ୍ତର୍ଭୁକ୍ତ ହୋଇଥିଲା ବେଳେ ମହାଜନ, କାବୁଲିବାଲା, ବ୍ୟବସାୟୀ, ନିଯୁକ୍ତିଦାତା (Employer), ବନ୍ଧୁବାନ୍ଧବ, ସାଙ୍ଗସାଥି ଇତ୍ୟାଦି ଅଣଆନୁଷ୍ଠାନିକ ସଂସ୍ଥାର ଅନ୍ତର୍ଭୁକ୍ତ ଅଟନ୍ତି ।




ଚିତ୍ର : 36 ଗ୍ରାମୀଣ କ୍ଷେତ୍ରରେ ଋଣର ଉତ୍ସ

ଆନୁଷ୍ଠାନିକ ଋଣ ପ୍ରଦାନ ସଂସ୍ଥାଗୁଡ଼ିକର କାର୍ଯ୍ୟାବଳୀ ଭାରତୀୟ ରିଜର୍ଭବ୍ୟାଙ୍କଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥାଏ ଓ ତଦନୁଯାୟୀ ସେମାନେ ଭାରତୀୟ ରିଜର୍ଭବ୍ୟାଙ୍କର ପ୍ରଦତ୍ତ ନିୟମାବଳୀ ଅନୁସାରେ କାର୍ଯ୍ୟ କରିଥାନ୍ତି । ଯଥା- ସେମାନଙ୍କ ପାଖରେ ସର୍ବନିମ୍ନ ରାଶି କେତେ ରହିବ, ଓ ଜମାପୁଞ୍ଜିର କେତେ ଶତକଡ଼ା ଋଣ ଆକାରରେ ପ୍ରଦାନ କରାଯିବ ଇତ୍ୟାଦି । ଆହୁରି ମଧ୍ୟ ସେମାନେ କାହାକୁ ଋଣ ପ୍ରଦାନ କରିବେ- ଯେମିତିକି କେବଳ ଲାଭଖୋର ମନୋବୃତ୍ତିନେଇ ବ୍ୟବସାୟୀ ଓ ଧନୀକ ଶ୍ରେଣୀର ଲୋକମାନଙ୍କୁ ଖାଲି ଋଣ ଦେଲେ ଚଳିବ ନାହିଁ । ଗରିବ ଚାଷୀ, କ୍ଷୁଦ୍ରଶିଳ୍ପ ସଂସ୍ଥା, ଛୋଟ ଛୋଟ ବ୍ୟବସାୟୀ ଓ ସର୍ବୋପରି ଯାହାର ନିତାନ୍ତ ପ୍ରୟୋଜନ ସେହିଭଳି ଲେକମାନଙ୍କୁ ଋଣ ପ୍ରଦାନ ପ୍ରଭୃତି କାର୍ଯ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ ତଦାରଖ କରନ୍ତି ।

ଅଣଆନୁଷ୍ଠାନିକ ଋଣ ପ୍ରଦାନସଂସ୍ଥାଗୁଡ଼ିକର କାର୍ଯ୍ୟାବଳୀ ତଦାରଖ କରିବାପାଇଁ କୌଣସି ବ୍ୟବସ୍ଥା ନାହିଁ । ସେମାନେ ଶତକଡ଼ା କେତେ ହାରରେ ସୁଧ ଦାବି କରିବେ ତାହା ଉପରେ କାହାର ଅଙ୍କୁଶ ନାହିଁ । ଅଣଆନୁଷ୍ଠାନିକ ଋଣ ପ୍ରଦାନ ସଂସ୍ଥା ଗୁଡ଼ିକ ବେଶୀ ହାରରେ ସୁଧ ଦାବି କରନ୍ତି ଓ ସେମାନଙ୍କର କାର୍ଯ୍ୟାବଳୀର କୌଣସି ନିୟମ ନାହିଁ ।

ଯେହେତୁ ଅଣଆନୁଷ୍ଠାନିକ ସଂସ୍ଥାଗୁଡ଼ିକ ସବୁବେଳେ ଉଚ୍ଚ ହାର ସୁଧ ଦାବି କରନ୍ତି, ଯେଉଁମାନେ ଏହି ସଂସ୍ଥାରୁ ଋଣ କରିବେ ସାଧାରଣତଃ ସେମାନେ ନିଶ୍ଚିତ ଭାବରେ ଶୋଷଣର ସମ୍ମୁଖୀନ ହେବେ ଓ ମୂଳସୁଧ ଦେଇସାରିଲା ପରେ ସେମାନଙ୍କ ଆୟ ପୁରାପୁରି ଖର୍ଚ୍ଚ ହୋଇସାରିଥିବ ।

କେତେକ କ୍ଷେତ୍ରରେ ସେମାନେ ଟଙ୍କା ସୁଝି ନପାରି ଋଣର ଜାଲରେ ଛନ୍ଦି ହୋଇ ବେଳେ ବେଳେ ଆତ୍ମହତ୍ୟା ବି କରନ୍ତି । ତୁମେମାନେ ନିଶ୍ଚିତ ଭାବରେ ଖବରକାଗଜରେ ଏହି ସମ୍ବାଦ ପଢ଼ିଥିବ ।

ଏହିସବୁ କାରଣରୁ ଆନୁଷ୍ଠାନିକ ଋଣ ପ୍ରଦାନ ସଂସ୍ଥାଗୁଡ଼ିକର ଗୁରୁ ଦାୟିତ୍ୱ ରହିଛି । ସେମାନେ ପ୍ରୟୋଜନଭିତ୍ତିକ ଋଣ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିବା ଉଚିତ । ଶସ୍ତା ହାରରେ ସୁଧ ଓ ସହଜରେ ମିଳିପାରୁଥିବା ଋଣପ୍ରଦାନ କରାଗଲେ ଦେଶ ନିଶ୍ଚିତ ଭାବରେ ଅର୍ଥନୀତିକ କ୍ଷେତ୍ରରେ ଅଗ୍ରଗତି କରିପାରିବ ଓ ବିକଶିତ ହୋଇପାରିବ ।

## ସ୍ୱୟଂ ସହାୟକ ଗୋଷ୍ଠୀ

ଆଜିକାଲି ଗରିବ ଶ୍ରେଣୀର ଲୋକମାନଙ୍କୁ ସହଜ ଓ ସୁବିଧାରେ ଋଣ ମିଳିବାପାଇଁ କେତେଗୁଡ଼ିଏ ଗୋଷ୍ଠୀ କାର୍ଯ୍ୟରତ । ଗ୍ରାମୀଣ କ୍ଷେତ୍ରରେ ଗରିବଶ୍ରେଣୀର ଓ ମୁଖ୍ୟତଃ ମହିଳାମାନେ ଏକ ଗୋଷ୍ଠୀ ଗଠନ କରିଥାନ୍ତି ଯାହାକୁ "ସ୍ୱୟଂ ସହାୟକ ଗୋଷ୍ଠୀ" ବା (Self Help Group) (SHG) ବୋଲି କୁହାଯାଏ । ଏହି ଗୋଷ୍ଠୀର ସଭ୍ୟମାନେ ସେମାନଙ୍କର ଆୟର କିଛିଅଂଶକୁ ସଞ୍ଚୟ କରି ଏହି ଅଂଶକୁ ଏକାଠି କରି ବେଶ କିଛି ଟଙ୍କା ଜମା କରନ୍ତି । ସେହି ଟଙ୍କାରୁ ସଭ୍ୟମାନେ ନିଜର ଚାହିଦା ମୁତାବକ ଛୋଟଛୋଟ ଋଣନେଇ ନିଜର ପ୍ରୟୋଜନ ମୁତାବକ କୃଷି, ଛୋଟ ବ୍ୟବସାୟ, କୁଟୀର ଶିଳ୍ପ ଇତ୍ୟାଦି କାର୍ଯ୍ୟରେ ଲଗାଇଥାନ୍ତି । ସେମାନେ ସୁଧ ଆକାରକୁ ଯାହା ଦିଅନ୍ତି ତାହା ଅଣଆନୁଷ୍ଠାନିକ ସଂସ୍ଥାମାନଙ୍କର ସୁଧହାର ଅପେକ୍ଷା ଯଥେଷ୍ଟ କମ୍ ଅଟେ । ସାଧାରଣତଃ ଏକ ସ୍ୱୟଂ ସହାୟକ ଗୋଷ୍ଠୀରେ ଅତିକମ୍‌ରେ ୧୫-୨୦ ସଭ୍ୟ ରହିଥାନ୍ତି ଓ ସମସ୍ତେ ଏକ ଗ୍ରାମର ବାସିନ୍ଦା ହୋଇଥାନ୍ତି । ବର୍ଷେ, ଦୁଇବର୍ଷପରେ ନିୟମିତ ସଞ୍ଚୟ ଦ୍ୱାରା ସେମାନଙ୍କ ପାଖରେ ବେଶ୍ କିଛି ଟଙ୍କା ଜମା ହୋଇଯାଏ ଏବଂ ସେମାନେ କୌଣସି ବଡ଼ବ୍ୟାଙ୍କରୁ ଋଣ ପାଇବାପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି । ଋଣ ସେହି ଗୋଷ୍ଠୀ ନାମରେ ପ୍ରଦାନ କରାଯାଏ ଓ ଏହା ସଭ୍ୟମାନଙ୍କୁ ସ୍ୱୟଂ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରେ ।

ଉଦାହରଣ ସ୍ୱରୂପ ଏହି ଟଙ୍କାରୁ ଋଣ ନେଇ ସଭ୍ୟମାନେ ନୂତନ ବ୍ୟବସାୟ, ବନ୍ଧା ପଡ଼ିଥିବା ଗୃହ ବା ଜମି ଇତ୍ୟାଦି ମୁକୁଳାନ୍ତି । କୃଷି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ସରଞ୍ଜାମ, ସିଲାଇ ମେସିନ୍, ହସ୍ତତନ୍ତ ଇତ୍ୟାଦି ବି କିଣିବା ପାଇଁ ସେମାନେ ଋଣ ନିଅନ୍ତି । ଏହି ଋଣର ସୁଧହାର, ପ୍ରୟୋଜନ ଇତ୍ୟାଦି ଗୋଷ୍ଠୀର ସଭ୍ୟମାନଙ୍କର ନିଜସ୍ୱ ନିଷ୍ପତ୍ତି ଅଟେ । ଏକ ଗ୍ରାମର ବାସିନ୍ଦା ଓ ପରସ୍ପର ମଧ୍ୟରେ ସମ୍ପର୍କ ହେତୁ ଋଣ ଆଦାୟରେ ପ୍ରାୟ ଅନିୟମିତତା ଦେଖାଦେଇନଥାଏ । ଏହି ସବୁ କାରଣ ଯୋଗୁଁ ବଡ଼ବ୍ୟାଙ୍କ୍ ଗ୍ରାମୀଣ ମହିଳାମାନଙ୍କୁ ବିନା ପ୍ରତିଶ୍ରୁତିରେ ବି ଋଣ ପ୍ରଦାନ କରିଥାଏ । ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆଜିକାଲି ପ୍ରକୃତରେ ଗ୍ରାମର ମହିଳାମାନଙ୍କୁ ଆର୍ଥନୀତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସଙ୍ଗେ ସଙ୍ଗେ ସାମାଜିକ କ୍ଷେତ୍ରରେ ମଧ୍ୟ ସଶକ୍ତିକରଣ କରାଉଛି ।

***ତୁମେ ଜାଣିଛକି ?***

*ଗ୍ରାମୀଣ ଗରୀବ ଶ୍ରେଣୀର ଲୋକମାନଙ୍କୁ ସହଜ ଓ ଶସ୍ତାରେ ଋଣ ପ୍ରଦାନ କ୍ଷେତ୍ରରେ ବାଂଲାଦେଶର 'ଗ୍ରାମୀଣ ବ୍ୟାଙ୍କ'ର କାର୍ଯ୍ୟ ଉଲ୍ଲେଖଯୋଗ୍ୟ । ୧୯୭୦ରେ ସ୍ଥାପିତ ଏହି ସଂସ୍ଥା ବର୍ତ୍ତମାନ ଏକ ବିଶାଳକାୟ ସଂସ୍ଥାରେ ପରିଣତ ହୋଇଛି ଯାହାରକି ସଭ୍ୟସଂଖ୍ୟା ପାଖାପାଖି ୬ ଲକ୍ଷ ଓ ଏହା ୪୦,୦୦୦ ଗ୍ରାମକୁ ନେଇ ଗଠିତ । ଏହାର ସମସ୍ତ ସଭ୍ୟ ମହିଳା ଅଟନ୍ତି । ସେମାନେ ପ୍ରମାଣିତ କରିଛନ୍ତି ଯେ, ସେମାନେ ସମସ୍ତେ କେବଳ ନିର୍ଭରଯୋଗ୍ୟ ଋଣ ଗ୍ରହୀତା ନୁହନ୍ତି ବରଂ ନିଜେ ନିଜେ ସମସ୍ତେ ବିଭିନ୍ନ ପ୍ରକାରର ଆର୍ଥନୀତିକ କାର୍ଯ୍ୟକରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ବାଙ୍ଗଲାଦେଶର ବିଖ୍ୟାତ ନୋବେଲ ବିଜେତା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ଭାଷାରେ-*

*"ଯଦି ଗ୍ରାମୀଣ ଗରିବଲୋକମାନଙ୍କୁ ସେମାନଙ୍କର ସୁବିଧା ଅନୁଯାୟୀ ଋଣ ପ୍ରଦାନ କରାଯାଏ ତେବେ ଲକ୍ଷଲକ୍ଷ ସଂଖ୍ୟାରେ ଗରିବ ଲୋକ ଉପକୃତ ହୋଇପାରିବେ ଏବଂ ବୋଧହୁଏ ଏହା ହେବ ବିକାଶର ଏକ ବୃହତ ନୂତନ ଦିଗନ୍ତ ।"*

***ପ୍ରଫେସର ମହମ୍ମଦ ୟୁନୁସ୍*** *ବାଂଲାଦେଶର ୨୦୦୬ ଶାନ୍ତି ନୋବେଲ ପୁରସ୍କାର ବିଜେତା ଓ ଗ୍ରାମୀଣ ବ୍ୟାଙ୍କ୍‌ର ପ୍ରତିଷ୍ଠାତା ।*

# ପ୍ରଶ୍ନାବଳୀ

## ମୁଦ୍ରା ଓ ଋଣ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

(କ) ମୁଦ୍ରା ଉଦ୍ଭାବନର ବିଭିନ୍ନ କାରଣଗୁଡ଼ିକ ଆଲୋଚନା କର ।

(ଖ) ଚେକ୍ ମାନେ କ'ଣ ? ଏହାଦ୍ୱାରା କିପରି ଟଙ୍କା ନେଣଦେଣ କରାଯାଏ ?

(ଗ) ଋଣର ନିୟମାବଳୀ ବିଷୟରେ ଆଲୋଚନା କର ।

(ଘ) ସମବାୟ ସଂସ୍ଥାର ଋଣ ପ୍ରଦାନ କରିବାର କାର୍ଯ୍ୟ ଉପରେ ଏକ ବିବରଣୀ ପ୍ରଦାନ କର ।

(ଙ) ଋଣ ପ୍ରଦାନକାରୀ ସଂସ୍ଥାମାନଙ୍କର ପ୍ରକାରଭେଦ ଓ କାର୍ଯ୍ୟାବଳୀ ଉପରେ ବିସ୍ତୃତ ଆଲୋଚନା କର ।

(ଚ) ସ୍ୱୟଂ ସହାୟକ ଗୋଷ୍ଠୀ କ'ଣ ଏବଂ ଏହାର କାର୍ଯ୍ୟକାରିତା ଉପରେ ସମ୍ୟକ୍ ଧାରଣା ପ୍ରଦାନ କର ।

(ଛ) ଗ୍ରାମୀଣ ବ୍ୟାଙ୍କ୍ କ'ଣ ? ଏହା କିଭଳି ଭାବରେ ଏବଂ କେଉଁଠାରେ କାର୍ଯ୍ୟରତ ?

୨. ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

(କ) ମୁଦ୍ରା କାହାକୁ କୁହାଯାଏ ?

(ଖ) ପଣ୍ୟ ବିନିମୟ କହିଲେ କ'ଣ ବୁଝ ?

(ଗ) ଚଳନ୍ତି ଜମା କାହାକୁ କୁହାଯାଏ ?

(ଘ) ବିକାଶ ପାଇଁ ଋଣର ଭୂମିକା

(ଙ) ଅଭାବର ଦ୍ୱୈତସଂଯୋଗର ଅନୁପସ୍ଥିତି

(ଚ) ଆନୁଷ୍ଠାନିକ ଋଣ ସଂସ୍ଥା

(ଛ) ଅଣଆନୁଷ୍ଠାନିକ ଋଣ ସଂସ୍ଥା

(ଜ) ସ୍ୱୟଂସହାୟକ ଗୋଷ୍ଠୀ

୩. ଶୂନ୍ୟସ୍ଥାନ ପୂରଣ କର ।

(କ) ଭାରତରେ ______________ ସଂସ୍ଥା ସରକାରଙ୍କ ତରଫରୁ ମୁଦ୍ରା ପ୍ରଚଳନ କରିଥାନ୍ତି ।

(ଖ) ଗ୍ରାମୀଣ କ୍ଷେତ୍ରରେ ଗରିବ ମହିଳାମାନେ ______________ ଗୋଷ୍ଠୀ ଗଠନ କରି ଟଙ୍କାପଇସା ସଞ୍ଚୟ ଓ ଋଣ କରନ୍ତି ।

(ଗ) ବାଂଲାଦେଶରେ ସ୍ଥାପିତ ଗ୍ରାମୀଣ ବ୍ୟାଙ୍କର ସଭ୍ୟ ସଂଖ୍ୟା ପାଖାପାଖି ______________ ।

୪. ତୁମ ପାଇଁ କାମ ।

(କ) ତୁମର ନିକଟରେ ଥିବା ଏକ ବ୍ୟାଙ୍କ୍ ଯାଇ ଏହାର କାର୍ଯ୍ୟପ୍ରଣାଳୀର ଏକ ବିବରଣୀ ଲେଖ ।

(ଖ) ବିଭିନ୍ନ ପ୍ରକାରର ମୁଦ୍ରା ସଂଗ୍ରହ କର ।